# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 4 May - 2026

**************************************

## ମୁଖ୍ୟ ସମ୍ବାଦ

- ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନର ଭୋଟଗଣତି ଜାରି

– ପଶ୍ଚିମବଙ୍ଗ ଓ ଆସାମରେ ବିଜେପିକୁ ବହୁମତ; କେରଳମ୍‌ରେ ୟୁ.ଡି.ଏଫ୍.

– ତାମିଲନାଡୁରେ ଆଞ୍ଚଳିକ ଦଳ ଟି.ଭି.କେ ଏବଂ ପୁଡୁଚେରୀରେ ଅଲ୍ ଇଣ୍ଡିଆ ଏନ୍. ଆର୍ କଂଗ୍ରେସ ସଂଖ୍ୟାଗରିଷ୍ଠତା ଠାରୁ କିଛି ଆସନ ପଛରେ

- ସୁଭଦ୍ରା ଯୋଜନାରୁ ବଞ୍ଚିତ ଥିବା ୧ ଲକ୍ଷ ୨୩ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୬୧ କୋଟି ଟଙ୍କା ପ୍ରଦାନ କଲେ ରାଜ୍ୟ ସରକାର

ଏବଂ

- ଅଗ୍ନିବୀରମାନଙ୍କର ଅଦମ୍ୟ ସାହସ, ବୀରତ୍ୱ ଓ ବଳିଦାନକୁ ସ୍ମରଣ କରି ଆଜି ବିଶ୍ୱରେ ପାଳନ କରାଯାଉଛି ଆନ୍ତର୍ଜାତିକ ଅଗ୍ନିଶମ କର୍ମଚାରୀ ଦିବସ

Desk

## ଇଲେକ୍ସନ-ଇଣ୍ଟ୍ରୋ

ପଶ୍ଚିମବଙ୍ଗ, ତାମିଲନାଡୁ, କେରଳମ୍, ଆସାମ ଓ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ବିଧାନସଭା ନିର୍ବାଚନର ଭୋଟ୍‌ଗଣତି ଚାଲିଛି। ଅପରାହ୍ନ ୨ଟା ସୁଦ୍ଧା ମିଳିଥିବା ସୂଚନା ଅନୁସାରେ, ପଶ୍ଚିମବଙ୍ଗ ଓ ଆସାମରେ ବିଜେପି ସଂଖ୍ୟା ଗରିଷ୍ଠତା ଆଡ଼କୁ ଅଗ୍ରସର ହେଉଛି। କେରଳମ୍‌ରେ ୟୁ.ଡି.ଏଫ୍. ମେଣ୍ଟ  ସଂଖ୍ୟା ଗରିଷ୍ଠତାରେ ଆଗରେ ଥିବାବେଳେ ତାମିଲନାଡୁରେ ଆଞ୍ଚଳିକ ଦଳ ଟି.ଭି.କେ ସରକାର ଗଢ଼ିବା ପାଇଁ ସଂଖ୍ୟା ଗରିଷ୍ଠତା ନମ୍ବରରୁ କିଛି ଆସନ କମ୍‌ରେ ରହି ଅନ୍ୟ ଦଳମାନଙ୍କ ତୁଳନାରେ ସର୍ବାଧିକ ଆସନରେ ଆଗରେ ରହିଛି। ୩୦ ଆସନ ବିଶିଷ୍ଟ ପୁଡୁଚେରୀ କେନ୍ଦ୍ର ଶାସିତ ଅଞ୍ଚଳରେ ଅଲ୍ ଇଣ୍ଡିଆ ଏନ୍ ଆର୍ କଂଗ୍ରେସ ୧୫ଟି ଆସନରେ କଂଗ୍ରେସ ୧୧ଟି ଏବଂ ଅନ୍ୟ ଦଳମାନେ ତିନୋଟି ଆସନରେ ଆଗୁଆ ଥିବା ଜଣାପଡ଼ିଛି। ଭୋଟ୍‌ଗଣତି ଜାରି ରହିଛି। ଆଜି ସକାଳ ୮ଟାରୁ ଭୋଟ୍ ଗଣତି ଆରମ୍ଭ ହୋଇଥିଲା। ପ୍ରଥମେ ପୋଷ୍ଟାଲ୍ ବାଲାଟ ଗଣତି କରାଯିବା ପରେ ଇଭିଏମ୍ ଗଣତି ଜାରି ରହିଛି । ଏଥିସହିତ ୫ଟି ରାଜ୍ୟର ୭ଟି ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ମଧ୍ୟ ଭୋଟ୍ ଗଣତି ଜାରି ରହିଛି ।

Desk

## ବାଚସ୍ପତି ସମ୍ମିଳନୀ

ବିଧାନସଭା ଗୁଡ଼ିକର କମିଟି ସମ୍ପର୍କିତ ଦ୍ୱିତୀୟ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ଆସନ୍ତାକାଲି ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ହେବ। ମଧ୍ୟପ୍ରଦେଶର ବାଚସ୍ପତି ନରେନ୍ଦ୍ର ସିଂହ ତୋମାରଙ୍କ ଅଧ୍ୟକ୍ଷତାରେ ରାଜସ୍ଥାନ ବିଧାନସଭା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବାଚସ୍ପତି ସୁରମା ପାଢ଼ି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମିଳନୀରେ ବିଧାନସଭାଗୁଡ଼ିକର କମିଟି ବ୍ୟବସ୍ଥା ଓ ଆଗାମୀ ଦିନରେ କିପରି ଏହାକୁ ଅଧିକ ପ୍ରଭାବଶାଳୀ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା ହେବ।

Desk

## ନିବେଶକ ସମ୍ମିଳନୀ

ରାଜ୍ୟ ସରକାରଙ୍କ ପକ୍ଷରୁ ଗୁଜୁରାଟର ଅହମ୍ମଦାବାଦରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମିଳନୀରେ ବିଭିନ୍ନ ଶିଳ୍ପ କ୍ଷେତ୍ରରେ ନିବେଶକୁ ନେଇ ରହିଥିବା ସୁଯୋଗ ସମ୍ପର୍କରେ ନିବେଶକମାନଙ୍କୁ ଅବଗତ କରାଯିବ ଏବଂ ବିଭିନ୍ନ ବୁଝାମଣାପତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାକ୍ଷରିତ ହେବ। ଏଥିସହ ଶିଳ୍ପ ପ୍ରତିନିଧି ଓ ସରକାରଙ୍କ ମଧ୍ୟରେ ସ୍ୱତନ୍ତ୍ର ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ହାଇଦ୍ରାବାଦ ଓ କୋଲକାତାରେ ନିବେଶକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେଠାରୁ ପ୍ରାୟ ଦେଢ଼ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରସ୍ତାବ ଆସିଥିଲା। ହାଇଦ୍ରାବାଦ ସମ୍ମିଳନୀରେ ୧୩ଟି ବୁଝାମଣାପତ୍ର ଏବଂ

କୋଲକାତା କାର୍ଯ୍ୟକ୍ରମରେ ୨୭ଟି ବୁଝାମଣାପତ୍ର ସରକାର ସ୍ୱାକ୍ଷରିତ କରିଥିଲେ ।

Desk

## ସୁଭଦ୍ରା ଯୋଜନା

ରାଜ୍ୟରେ ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ଆଜି ସହାୟତା ରାଶି ପ୍ରଦାନ କରାଯାଉଛି । ଭୁବନେଶ୍ୱର ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୁଭଦ୍ରା ଯୋଜନା ଅଧୀନରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ କିସ୍ତି ପାଇବାରୁ ବଞ୍ଚିତ ହିତାଧିକାରୀଙ୍କୁ ୬୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିଛନ୍ତି । ୧ ଲକ୍ଷ ୨୩ ହଜାର ୮୪୯ଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ସହାୟତା ରାଶି ସରକାରଙ୍କ ପକ୍ଷରୁ ଦିଆଯାଇଛି । ଏହି ପର୍ଯ୍ୟାୟରେ ସହାୟତା ରାଶି ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

BHK

## ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା

ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ କ୍ରୀଡ଼ା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଭଦ୍ରକ ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବର୍ଷା ଋତୁ ଆସିବା ପୂର୍ବରୁ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର

ଧାମନଗର ଅନ୍ତର୍ଗତ ବୈତରଣୀ ନଦୀର ୨୦ଟି ସ୍ଥାନରେ ବନ୍ୟା ନିୟନ୍ତ୍ରଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଅନ୍ୟ କେତେକ ପଞ୍ଚାୟତରେ ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି।

Subarnpur

## ପ୍ରକଳ୍ପ ସମୀକ୍ଷା

ସୁବର୍ଣ୍ଣପୁର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକୁ ଯଥାଶୀଘ୍ର ଶେଷ କରିବା ପାଇଁ ଗୃହ, ସହରାଞ୍ଚଳ ବିକାଶ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ ଅବସରରେ ମନ୍ତ୍ରୀ ଶ୍ରୀ ମହାପାତ୍ର ତେଲ୍ ନଦୀ କୂଳରେ ପାର୍କ ଓ ୭ କୋଟି ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ନୂତନ ପୌରପରିଷଦ ଭବନର ଶିଳାନ୍ୟାସ କରିଛନ୍ତି। ବିଭିନ୍ନ କାର୍ଯ୍ୟର ଅଗ୍ରଗତି ଓ ଯୋଜନାଗୁଡ଼ିକର ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହ ନଗର ଅଞ୍ଚଳର ସ୍ୱଚ୍ଛତା ଓ ବସ୍ତି ଅଞ୍ଚଳର ଉନ୍ନତିକୁ ପ୍ରାଧାନ୍ୟ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

Desk

## ଅଗ୍ନିଶମ କର୍ମଚାରୀ ଦିବସ

ଅଗ୍ନିବୀରମାନଙ୍କର ଅଦମ୍ୟ ସାହସ, ବୀରତ୍ୱ ଓ ବଳିଦାନକୁ ସ୍ମରଣ କରି ଆଜି ସମଗ୍ର ବିଶ୍ୱରେ ଆନ୍ତର୍ଜାତିକ ଅଗ୍ନିଶମ କର୍ମଚାରୀ ଦିବସ ପାଳନ

କରାଯାଉଛି। ଅଗ୍ନିଶମ କର୍ମଚାରୀଙ୍କୁ ସେମାନଙ୍କର ଦୁଃସାହସିକ କାର୍ଯ୍ୟ ଏବଂ ଧନଜୀବନ ରକ୍ଷା କରିବା ପଦକ୍ଷେପକୁ ସମ୍ମାନ ଜଣାଇବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । ଚଳିତ ବର୍ଷର ବିଷୟବସ୍ତୁ ହେଉଛି 'ଅନ୍ୟମାନଙ୍କ ପାଇଁ ତ୍ୟାଗ କରିବା ଓ ବିପଦକୁ ସାମ୍ନା କରିବା, ଅଗ୍ନି ନିର୍ବାପକଙ୍କ ପାଇଁ ଏକ ବୈଶିଷ୍ଟ୍ୟମୂଳକ ଚିହ୍ନ ବା ଆହ୍ୱାନ'। ସୂଚନାଯୋଗ୍ୟ, ୧୯୯୮ ମସିହା ଡିସେମ୍ବର ୨ ତାରିଖରେ ଅଷ୍ଟ୍ରେଲିଆରେ ଜଙ୍ଗଲ ନିଆଁକୁ ଲିଭାଇବା ପାଇଁ ପ୍ରୟାସ କରୁଥିବା ବେଳେ ୫ ଜଣ କର୍ମଚାରୀ ମୃତ୍ୟୁବରଣ କରିଥିଲେ । ସେମାନଙ୍କୁ ସମ୍ମାନ ଜଣାଇ ପ୍ରତିବର୍ଷ ମେ ୪ ତାରିଖ ତଥା ଆଜିର ଦିନକୁ  ଏହି ଦିବସ ଭାବେ ପାଳନ କରାଯାଉଛି।  ଏହି ଅବସରରେ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

Desk

# ଫାୟାର ସେଫ୍ଟି ୱିକ୍

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ  ପକ୍ଷରୁ ଆଜି ଦେଶର ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକରେ ସଚେତନତା ବୃଦ୍ଧି ନେଇ ଅଗ୍ନି ନିରାପତ୍ତା ସପ୍ତାହ ପାଳନ ଆରମ୍ଭ ହୋଇଛି।   ସପ୍ତାହବ୍ୟାପୀ ହେବାକୁ ଥିବା ସଚେତନତା ମୂଳକ କାର୍ଯ୍ୟକ୍ରମ ସ୍ୱରୂପ ଅଗ୍ନି ନିରାପତ୍ତା ସମ୍ବନ୍ଧିତ ମକ୍ଡ୍ରିଲ, କ୍ଷମତା ନିର୍ମାଣ ପଦକ୍ଷେପ, ଏବଂ ଅଗ୍ନି ନିରାପତ୍ତା ମାର୍ଗଦର୍ଶିକା ପ୍ରସାର ସମେତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

HS

## ସଡ଼କ ଦୁର୍ଘଟଣା– ୫ ମୃତ

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଟାଙ୍ଗୀଛକ ନିକଟରେ ଆଜି ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଜଣଙ୍କର ମୃତ୍ୟୁ ହୋଇଛି। କେନ୍ଦୁଝରରୁ ଏକ ବୋଲେରୋ ଯାଜପୁର ଫେରୁଥିବା ବେଳେ ୫୩ ନମ୍ବର ଜାତୀୟ ରାଜପଥ କଡ଼ରେ ଛିଡ଼ା ହୋଇଥିବା ହାଇଓ୍ୱା ଗାଡ଼ିକୁ ପଛରୁ ଧକ୍କା ଦେଇଥିଲା। ଫଳରେ ଗାଡ଼ିରେ ଥିବା ଯାତ୍ରୀମାନଙ୍କ ମଧ୍ୟରୁ ୫ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅନ୍ୟ ୮ ଜଣ ଆହତଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଁଞ୍ଚି ତଦନ୍ତ ଆରମ୍ଭ କରିଛି।

Boudh/N.pada/N.rangpur/Ganjam

## ଜନଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

ନବରଙ୍ଗପୁରଠାରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ୪ଟି ଅଭିଯୋଗର ତତ୍କାଳ ସମାଧାନ

କରାଯାଇଥିଲା । ଜିଲ୍ଲା ସମାଜ ସୁରକ୍ଷା ବିଭାଗ ପକ୍ଷରୁ ଚିହ୍ନଟ ଦିବ୍ୟାଙ୍ଗଙ୍କୁ ଦୁଇଟି କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଛି ।

ନୂଆପଡ଼ା ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବିଭିନ୍ନ ଆପତ୍ତି ଅଭିଯୋଗର ଆଶୁ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଗଞ୍ଜାମ ଜିଲ୍ଲାର ଛତ୍ରପୁରସ୍ଥିତ ଜଉଗଡ଼ ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ ୮୭ଟି ଅଭିଯୋଗର ଶୁଣାଣି କରିଥିଲେ । ବିଭିନ୍ନ ଅଭିଯୋଗର ଶୁଣାଣି କରି ୧୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ।

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଓ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତଶିବିରରେ ୧୦ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଛି ।

Desk

## ବିଶ୍ୱ ଦକ୍ଷତା କେନ୍ଦ୍ର ନାମଲେଖା

ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୬-୨୭ ମାର୍ଚ୍ଚ ସେସନ୍ ନାମଲେଖା ପାଇଁ ଅନଲାଇନ୍ ଆବେଦନର ସମୟସୀମା ବୃଦ୍ଧି କରାଯାଇଛି । ଛାତ୍ରଛାତ୍ରୀମାନେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ । ଚଳିତ ମାସ ୩୧ ତାରିଖରେ ଅନଲାଇନ୍ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ

ହେବ। ବିଶ୍ୱ ଦକ୍ଷତା କେନ୍ଦ୍ରର ସ୍କୁଲ ଅଫ୍ ଇଞ୍ଜିନିୟରିଂ ଏବଂ ସ୍କୁଲ ଅଫ୍ ସର୍ଭିସେସ୍ ପାଠ୍ୟକ୍ରମ ଅଧୀନରେ ୧୦ଟି ବିଷୟରେ ନାମଲେଖା ପାଇଁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି।

Ganjam

## ପ୍ରଶିକ୍ଷଣ କର୍ମଶାଳା

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଛତ୍ରପୁର ସଂକୁଳର ୬ଟି ବିଦ୍ୟାଳୟର ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୦୫ ଜଣ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ପ୍ରଶିକ୍ଷାର୍ଥୀ ରୂପେ ଯୋଗ ଦେଇଥିଲେ।

Desk

## ରାଷ୍ଟ୍ରୀୟ ଲୋକ ଅଦାଲତ

ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ୯ ତାରିଖ ଶନିବାର ଦିନ ଅନୁଷ୍ଠିତ ହେବ । ହାଇକୋର୍ଟ ସମେତ ପ୍ରତ୍ୟେକ ଜିଲ୍ଲା ଓ ତାଲୁକସ୍ତରୀୟ ଅଦାଲତଗୁଡ଼ିକରେ ବିଚାରାଧୀନ ଥିବା ମାମଲାଗୁଡ଼ିକର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ଅଦାଲତ ଅନୁଷ୍ଠିତ ହେବ ।

MET

## ପାଣିପାଗ

ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷା ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବାର ସମ୍ଭାବନା ରହିଛି ।